## ସଂକ୍ଷେପରେ

### ଭଗବାନପୁରରେ ଗାୟତ୍ରୀ ଯଜ୍ଞ

**ଢେଙ୍କାନାଳ ଅଫିସ, ୧୧।୧୧-** ଢେଙ୍କାନାଳ ସହର ଉପକଣ୍ଠ ଭଗବାନପୁରରେ ଗାୟତ୍ରୀ ମହିଳା ମଣ୍ଡଳ ପକ୍ଷରୁ ଏକକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ମାନବ ମଧରେ ଦେବତ୍ୱର ଜାଗରଣ, ସମାଜରେ ସଂସ୍କାର ଆଣିବା ଏହି ଯଜ୍ଞର ମୁଖ୍ୟ ଲକ୍ଷ୍ୟ। ଗାୟତ୍ରୀ ମହିଳା ମଣ୍ଡଳର ମୁଖ୍ୟ ସଞ୍ଚାଳିକା ଜ୍ୟୋତ୍ସ୍ନାମୟୀ ବେହେରା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବାବେଳେ ମାତା ଭଗବତୀ ଟୋଲିର ସର୍ବେଶ୍ୱର ମଲ୍ଲିକ, ଭାଗୀରଥି ବେହେରା, ନିର୍ମଳା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରଦ୍ଧାଳୁମାନେ ପୂର୍ଣ୍ଣାହୁତିରେ ସାମିଲ ହୋଇ ସଂକଳ୍ପ ନେଇଥିଲେ।

### ପଥର ଖାଦାନରେ ଚଢ଼ାଉ, ଜେସିବି ଜବତ



**ଭୁବନ, ୧୧।୧୧(ଡି.ଏନ୍.ଏ.)-** ଭୁବନ ଥାନା ମୃଦଙ୍ଗା ପଞ୍ଚାୟତ ଅଁଳାଝରି ଗ୍ରାମ ନିକଟରେ ଚାଲିଥିବା ବେଆଇନ ପଥର ଖାଦାନରେ ରବିବାର ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଏକ ଜେସିବି ଜବତ କରାଯାଇଥିବାବେଳେ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ଉକ୍ତ ପଥର ଖାଦାନରେ ଦୀର୍ଘଦିନ ହେଲା ବେଆଇନ ଖନନ ଚାଲିଥିଲା। ସୂଚନାପାଇ ଚଢ଼ାଉ କରାଯାଇଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।

### କଂଗ୍ରେସର ପ୍ରତିବାଦକୁ ଭାଜପା ନେତାଙ୍କ ନିନ୍ଦା

**ଢେଙ୍କାନାଳ ଅଫିସ,୧୧।୧୧-** ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ କରାଯାଇଥିବା ଦେଶବ୍ୟାପୀ ବିକ୍ଷୋଭକୁ ନିନ୍ଦା କରିଛି ଭାଜପା। ବିମୁଦ୍ରୀକରଣ ଯୋଗୁ ଆୟକରଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରିୟଲ ଇଷ୍ଟେଟ୍ କାରବାରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିଛି। ଏହାଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇପାରିଛି ବୋଲି ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି। ୟୁପିଏ ସରକାର ସମୟରେ ରିୟଲ ଇଷ୍ଟେଟ୍ କାରବାର କରି ଯେଉଁମାନେ ବ୍ୟାପକ ଅର୍ଥ ସଞ୍ଚୟ କରିଥିଲେ ସେମାନଙ୍କୁ ବିମୁଦ୍ରୀକରଣ ପ୍ରହାର ସଦୃଶ। କଂଗ୍ରେସର ମୁଖିଆଙ୍କ ପରିବାର ଏହାର ଏକ ଉଦାହରଣ। ତେଣୁ କଂଗ୍ରେସର ବିକ୍ଷୋଭ ନିନ୍ଦନୀୟ ବୋଲି ଜିଲା ଭାଜପା ଉପସଭାପତି ପ୍ରତିକ୍ରିୟାରେ କହିଛନ୍ତି।

### ବିଦାୟ ନେଲେ ମା’ କାଳୀ
### ନିଲାମ ହେଲା ଆଜ୍ଞା ଲଡୁ



**କାମାକ୍ଷାନଗର, ୧୧।୧୧(ଡି.ଏନ୍.ଏ.)-** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଳପୁରା ଗ୍ରାମରେ ଶାନ୍ତିଶୃଙ୍ଖଳାର ସହ ଶେଷହୋଇଛି କାଳୀପୂଜା। ୪ଦିନ ଧରି ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶନିବାର ମା’ କାଳୀଙ୍କୁ ବିଦାୟ ଦେଇଛନ୍ତି ଅଞ୍ଚଳବାସୀ। ଭସାଣି ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମା’ଙ୍କ ବିସର୍ଜନ ଉତ୍ସବ ଅବସରରେ ଆଜ୍ଞା ଲଡୁ ନିଲାମ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ କମିଟି ସଭାପତି ହିତେନ୍ଦ୍ରିୟ ବିଶ୍ୱାଳ ଅଧକ୍ଷତା କରିଥିଲେ। ବରିଷ୍ଠ ସଦସ୍ୟ ରବିନାରାୟଣ ବିଶ୍ୱାଳ, ଗିରିଶ ଚନ୍ଦ୍ର ଦାସ, ରଞ୍ଜନ କୁମାର ସାହୁ, ପ୍ରଣବ ରଞ୍ଜନ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଜ୍ଞାଲଡୁ ନେବାକୁ ୧୩ ଜଣ ନିଲାମ ଡାକିଥିଲେ। ମାଳପୁରାର ସୁବାସ ରାଉତ, ସୁମିତ ରାଉତ, ପ୍ରିୟବ୍ରତ ରାଉତ, ସୂର୍ଯ୍ୟକାନ୍ତ ସାହୁ, ଶାନ୍ତନୁ ବିଶ୍ୱାଳ, ସିପୁନ ବିଶ୍ୱାଳ, ଉତ୍କଳ କେଶରୀ ସାହୁ ପ୍ରମୁଖ ୧୧,୫୦୧ ଟଙ୍କା ଦେଇ ଏହାକୁ ନିଲାମ ନେଇଥିଲେ। ସମରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

---

### ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ

# ‘ଜୀବନରେ ଶାନ୍ତି ଭରିଦିଏ ନୃତ୍ୟସଙ୍ଗୀତ’



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ଢେଙ୍କାନାଳ ଅଫିସ, ୧୧।୧୧**

ଢେଙ୍କାନାଳ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ସପ୍ତଶଯ୍ୟା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ସମ୍ମାନିତ ଅତିଥି ରାଜ୍ୟ ସଭା ସଦସ୍ୟ ତଥା ପଦ୍ମବିଭୂଷଣ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର, ଇନକମ୍ ଟ୍ୟାକ୍ସ ପ୍ରିନ୍ସିପାଲ କମିଶନର ଶରତ କୁମାର ଦାସ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ସାମାଜିକକର୍ମୀ ଶୁଚିସ୍ମିତା ପୃଷ୍ଟି, ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

କର୍ମକ୍ଷେତ୍ରରେ ବ୍ୟସ୍ତ ମଣିଷ ଥକି ପଡ଼ିଥିବାବେଳେ ନୃତ୍ୟସଙ୍ଗୀତ ତା’ର ନୀରସ ଜୀବନରେ ସରସତା ଭରିଦିଏ। କିଞ୍ଚିତ ସମୟ ମଧରେ ତାକୁ ଚଳଚଞ୍ଚଳ କରାଇବାରେ ଖୋରାକ ଯୋଗାଏ। ନୃତ୍ୟ, ସଙ୍ଗୀତ ଭଳି କଳା ଜୀବନରେ ଶାନ୍ତି ପ୍ରଦାନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଜୀବନବ୍ୟାପୀ ସାଧନା ଲାଗି ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଅଭିନେତ୍ରୀ ନମ୍ରତା ଦାସ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସ୍ୱାମୀ, କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଗୁରୁ ଗାୟତ୍ରୀ ଚାନ୍ଦ, ବିଚିତ୍ରାନନ୍ଦ ସ୍ୱାଇଁ, ଡ. ମନୋଜ କୁମାର ଦାସ, ସାଧନା ମିଶ୍ର, ଯୁବ ପ୍ରତିଭା ତନ୍ମୟ ସ୍ୱାଇଁ, ଜୟଶ୍ରୀ ଧଳ, ବାଙ୍ଗାଲୋରସ୍ଥିତ ଓଡ଼ିଆ ଯୁବ ଅନୁଷ୍ଠାନ ମୁଖ୍ୟ ଇଂ. ସଂଗ୍ରାମ ମହାପାତ୍ର, ଅନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀ ପ୍ରିୟଙ୍କା ମିଶ୍ର ମଧ ସମ୍ବର୍ଦ୍ଧିତ ହୋଇଥିଲେ। ଅଧାପିକା ଦୀପ୍ତିବାଳା ମିଶ୍ର ମାନପତ୍ର ପାଠ କରିଥିଲେ।



ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଏହି ଅବସରରେ ଅନୁଷ୍ଠାନର ଗୁରୁ ଗୌରୀଶଙ୍କର ଦାସ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟନାଟିକା ‘କୋଣାର୍କ’ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଡ. ମଞ୍ଜୁଲିକା ନାୟକ, ନିରଦ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

---



ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

### ୩ନଂ. ଓ୍ୱାର୍ଡ ବୁଲିଲେ ଜିଲାପାଳ

# ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ,୧୧।୧୧**

ଢେଙ୍କାନାଳ ସହରର ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ଆରମ୍ଭ ହୋଇଛି ପ୍ରୟାସ। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ବିଭିନ୍ନ ଓ୍ୱାର୍ଡ ପରିଦର୍ଶନ କରି ସିଧାସଳଖ ଜନସାଧାରଣଙ୍କ ସମସ୍ୟା ସହ ପରିଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ ଜିଲାପାଳ କୁଞ୍ଜକାନ୍ତ ଅଞ୍ଚଳ ଗସ୍ତ କରି ୩ନଂ. ଓ୍ୱାର୍ଡବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ପୂର୍ବତନ କାଉନ୍‌ସିଲର ଜ୍ଞାନଚାନ୍ଦ ମିଶ୍ର, ସନ୍ତୋଷ ରାଉତ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଆଇନଜୀବୀ ବିମଳେନ୍ଦୁ ମହାପାତ୍ର, ବ୍ରଜେନ୍ଦୁ ନାୟକ, ଶୁଭେନ୍ଦୁ ମହାପାତ୍ର, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡ୍ରେନ୍, ରାସ୍ତା, ଶ୍ମଶାନ, ପୋଖରୀ ଉନ୍ନତୀକରଣ ସହ ସମ୍ପୃକ୍ତ ଓ୍ୱାର୍ଡରେ ଏକ ପାର୍କ ପ୍ରତିଷ୍ଠା କରିବା ନେଇ ଆଲୋଚନା କରାଯାଇଛି।

ଅଞ୍ଚଳର ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ତୁରନ୍ତ ମରାମତି ଲାଗି ଜିଲାପାଳ ସେସୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପାର୍କିଂ ପାଇଁ ଜବରଦଖଲ ଉଚ୍ଛେଦ, ରାସ୍ତା କଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛ ହଟାଇବା ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଛି। ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇବାକୁ ଜିଲାପାଳ ନିବେଦନ କରିଛନ୍ତି। ପୌରସଂସ୍ଥା ଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

---

### ଭୂଷଣ ଷ୍ଟିଲ ପକ୍ଷରୁ ପ୍ରଶିକ୍ଷଣ ଶିବିର

# ଛତୁ, ପରିବା ଚାଷ ତାଲିମ

**ଓଡ଼ାପଡ଼ା, ୧୧।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଭୂଷଣ ଷ୍ଟିଲ ପକ୍ଷରୁ ଦୁଇଦିନିଆ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁସୁପଙ୍ଗ, କୁରୁଣ୍ଟି ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗନେଇ ଛତୁ ଓ ପରିବା ଚାଷ ସମ୍ପର୍କରେ ତାଲିମ ନେଇଥିଲେ।

କମ୍ପାନୀର କର୍ପୋରେଟ୍ ସାମାଜିକ ସେବା ବିଭାଗ ଦ୍ୱାରା ଆୟୋଜିତ ଉକ୍ତ ଶିବିରରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ, ଛତୁ ଚାଷ ଉଦ୍ୟୋଗୀ ଅଜୟ ପୃଷ୍ଟି ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଛତୁ, ପରିବା ଭଳି ଅର୍ଥକରୀ ଚାଷକୁ ଆପଣାଇ ଆର୍ଥିକସ୍ଥିତି ମଜଭୁତ କରିବା ଏହି ତାଲିମର ପ୍ରମୁଖ ଉଦ୍ଦେଶ୍ୟ। କର୍ପୋରେଟ୍ ସାମାଜିକ ସେବା ବିଭାଗ ମୁଖ୍ୟ ଦିବ୍ୟହାସ ରାୟ ଶିବିର ପରିଚାଳନା କରିଥିଲେ।




ଅତିଥିମାନେ ଚାଷୀଙ୍କୁ ଚାଷ ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ବୁଝାଉଛନ୍ତି।

ଭୂଷଣ ଷ୍ଟିଲ ଅଧିଗ୍ରହଣ କରିବା ପରେ ଟାଟା ଷ୍ଟିଲ ପକ୍ଷରୁ ଓଡ଼ାପଡ଼ା ଏବଂ ହିନ୍ଦୋଳରେ ୧୦କୋଟି ଟଙ୍କା ବ୍ୟୟରେ ଦୁଇଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଉଛି। ଏକ ଭ୍ରାମ୍ୟମାଣ ସେବା ୟୁନିଟ୍ ଲୋକଙ୍କୁ ସେବା ଯୋଗାଇ ଆସୁଛି। ଏଥିସହିତ କମ୍ପାନୀ ଆଖପାଖ ଅଞ୍ଚଳରେ ଥିବା ୮ ଗ୍ରାମର ଲୋକଙ୍କ ସୁବିଧା ପାଇଁ ୬କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ୭ କିମି କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଛି। ଆଗାମୀ ଦିନରେ ଏପରି ଜନହିତକର କାର୍ଯ୍ୟ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

---

### ଯୁବକଙ୍କୁ ଗୁଳିମାଡ଼ ଘଟଣା, ମାମଲା ରୁଜୁ

**ତାଳଚେର,୧୧।୧୧(ନି.ପ୍ର.)**

ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମର ବଳରାମ ସାହୁଙ୍କୁ ଶନିବାର ରାତିରେ ଗୁଳିମାଡ଼ ଘଟଣାରେ ରବିବାର ତାଳଚେର ଥାନାରେ ଅଭିଯୋଗ ହୋଇଛି। ବଳରାମଙ୍କ ମା’ ତୁଷାରବାଳା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୩୮/୧୮ରେ ମାମଲା ରୁଜୁ କରିଛି। ବଳରାମପ୍ରସାଦର କାଳିଆ ବେହେରା, ନୂଆହତାର ଜିତୁ ବେହେରା, ଫୁଲପଡ଼ାର ଟୁନା ସାହୁ ତାଙ୍କ ପୁଅ ଉପରକୁ ଗୁଳି ଚଳାଇ ୧ ଲକ୍ଷ ୭୦ ହଜାର ଟଙ୍କା, ସୁନା ଚେନ ଓ ମୁଦି ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

# ହାତୀ ସହ ସେଲ୍‌ଫି



ଜଙ୍ଗଲରେ ହାତୀପଲ।

**ଢେଙ୍କାନାଳ ଅଫିସ,୧୧।୧୧**

ଢେଙ୍କାନାଳ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ସିମିନଇ ଶାଳ ଜଙ୍ଗଲରେ ହାତୀ ସହ ସେଲ୍‌ଫି ନେଉଥିବାବେଳେ ରବିବାର ଜଣେ ଯୁବକ ହାତୀ ଆକ୍ରମଣରୁ ବର୍ତ୍ତିଯାଇଛନ୍ତି। ଗ୍ରାମବାସୀ ଓ ବନକର୍ମଚାରୀ ବାଣ ଫୁଟାଇବାରୁ ହାତୀପଲ କାଙ୍କଡ଼ବୋଲୁଅ ପାହାଡ଼ ଆଡ଼କୁ ପଳାଇଛନ୍ତି।

ଜଙ୍ଗଲ ମଧରେ ୪୯ ହାତୀ ଥିଲେ। ହାତୀଙ୍କୁ ଦେଖି ଗ୍ରାମବାସୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସମ୍ପୃକ୍ତ ଯୁବକ ସେଲ୍‌ଫି ଉଠାଉଥିବାବେଳେ ହାତୀ ସମ୍ମୁଖରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ହେଲେ ଉକ୍ତ ସମୟରେ ବାଣ ଫୁଟିଯିବାରୁ ଭୟରେ ହାତୀ ପଳାଇଥିଲା। ଅଞ୍ଚଳରେ ହାତୀପଲ ଉପଦ୍ରବ ସୃଷ୍ଟି କରୁଛନ୍ତି। ସନ୍ଧ୍ୟା ହେବାମାତ୍ରକେ ସଦାଶିବପୁର-ସିମିନଇ ରାସ୍ତା ଶୂନଶାନ୍ ହୋଇପଡ଼ୁଛି।

---

### ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନା ଚକ୍ର

# ଜ୍ଞାନ ବିନା ବଞ୍ଚିବା ଅସମ୍ଭବ

**ଭୁବନ, ୧୧।୧୧(ଡି.ଏନ.ଏ.)**

ଜ୍ଞାନବିଜ୍ଞାନର କରାମତି ମଣିଷ ଏତେ ବାଟ ଆଣିପାରିଛି। ବୁଦ୍ଧି ପ୍ରୟୋଗ କରି ମଣିଷ ଜୀବନ ଜିଇଁବା ସହ ଜୀବନଜୀବିକା ଅତିବାହିତ କରି ଆସୁଛି। ଜ୍ଞାନକୁ ଛାଡ଼ି ମନୁଷ୍ୟ ବଞ୍ଚିବା ଅସମ୍ଭବ ବୋଲି କହିଛନ୍ତି କିଟ୍ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧାପିକା ଡ. ରାଜଶ୍ରୀ ମହାପାତ୍ର। ଢେଙ୍କାନାଳ ଜିଲା ଭୁବନ ବ୍ଲକ ମଠକରଗୋଳା କଲେଜରେ ଶନିବାର ଅନୁଷ୍ଠିତ ପଦାର୍ଥ ବିଜ୍ଞାନ ବିଭାଗ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ ଏଭଳି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ ଆହୁରି ମଧ କହିଲେ, ଏ ପୃଥିବୀ ଜ୍ଞାନର ଭଣ୍ଡାର। ଛାତ୍ରୀଛାତ୍ରମାନେ ନିଜ ଇଚ୍ଛା ମୁତାବକ ଯେତେବେଳେ ଚାହିଁବେ ସେତେବେଳେ ଜ୍ଞାନ ଆହରଣ କରିପାରିବେ।

କଲେଜ ଅଧକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନ କଲେଜ ଅଧକ୍ଷ କିଶୋର ଚନ୍ଦ୍ର ଦାସ କହିଲେ, ଶୈଶବରୁ ବାର୍ଦ୍ଧକ୍ୟ ଯାଏ ଭଲଭାବେ ବଞ୍ଚିବା ପାଇଁ ଜ୍ଞାନ ଜରୁରୀ। ଅଗଣିତ ଯୁବକ ଜ୍ଞାନ ଆହରଣ କରି ହିଁ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ସେମାନଙ୍କ ମଧରୁ ଅନେକେ ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି କରିପାରିଛନ୍ତି। ଏଥିରେ ସାମିଲ ହୋଇ ଦେଶ ଗଠନରେ ବ୍ରତୀ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ବାଜି ରାଉତ ସ୍ମୃତି କଲେଜ, ମହିଳା କଲେଜ, ଜିରାଳ କଲେଜ, ପାରିମାଳ କଲେଜର ୨୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କର୍ମଚାରୀ ଲଳିତ ବେହେରା, ସୁଧାଂଶୁ ଶେଖର ମହାପାତ୍ର, କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ଅଧାପକ ପରେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




---

# ‘ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି ସରକାର’

**ଢେଙ୍କାନାଳ ଅଫିସ,୧୧।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରପଦାରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଅଧକ୍ଷତାରେ ରବିବାର ‘ବିକାଶ ପାଇଁ ପରିବର୍ତ୍ତନର ଆହ୍ୱାନ’ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଏହି ଅବସରରେ ସେ କହିଲେ, ରାଜ୍ୟରେ ଦୁର୍ନୀତି ଓ ଅପରାଧ ବଢ଼ିଚାଲିଛି। ଏକଦା ଦୁର୍ନୀତିର ଗନ୍ଧ ବାଜିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ସରକାର ଏବେ ଏହାକୁ ନୀରବ ପ୍ରୋତ୍ସାହନ ଦେଇଚାଲିଛନ୍ତି। ବିଜୁବାବୁଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିତ୍ୱଙ୍କ ନାମରେ ଗଠିତ ଯୁବବାହିନୀକୁ ସରକାର ବେଆଇନ ଭାବେ ବ୍ୟବହାର କରୁଛନ୍ତି। ଶିଳ୍ପ ଓ ପୁଞ୍ଜି ନିବେଶ ପାଇଁ କନକ୍ଲେଭ ଅନୁଷ୍ଠିତ ହେଉଛି। କିନ୍ତୁ ରାଜ୍ୟର ଯୁବତୀଯୁବକ ନିଯୁକ୍ତି ନ ପାଇ ବାହାରକୁ ଯାଉଛନ୍ତି। ଓଡ଼ିଶାକୁ ଆସୁଥିବା ଶିଳ୍ପ ସଂସ୍ଥାକୁ ଆତଙ୍କିତ କରାଯାଉଛି। ଦୁର୍ନୀତି ବିରୋଧରେ ମୁହଁ ଖୋଲିଲେ ଆକ୍ରମଣ ହେଉଛି। ଏଣୁ ଏପରି ଶାସନରେ ପରିବର୍ତ୍ତନ ଲୋଡ଼ା ବୋଲି ସେ ମତ ରଖିଥିଲେ।

ସେ ଆହୁରି ମଧ କହିଲେ, ଢେଙ୍କାନାଳର ପବିତ୍ର ମାଟି ବିଶ୍ୱକୁ ମହିମା ଧର୍ମର ବାର୍ତ୍ତା ଦେଇଛି। ଏଠି ଶବରଙ୍କୁ ଆଦିବାସୀ ମାନ୍ୟତା ଦେବାରେ ଅବହେଳା କରାଯାଇଛି। କପିଳାସ, ସପ୍ତଶଯ୍ୟା ଓ ଯୋରନ୍ଦା ଭଳି ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇରହିଛି ବୋଲି ସେ ଉଦ୍‌ବେଗ ବ୍ୟକ୍ତ କରିଥିଲେ। ଆଇନଜୀବୀ **ଦିପ୍ତୀଶ** ପ୍ରସାଦ ପଟ୍ଟନାୟକ, ଅଲେଖ ତ୍ରିପାଠୀ, ସିଲମ୍ ଖାଁ, ପ୍ରଫୁଲ୍ଲ ସ୍ୱାଇଁ, ଇନ୍ଦ୍ରମଣି ନାୟକ, କୁନିଲତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ସିଂ ଧନ୍ୟବାଦ ଦେଇଥିଲେ।



ଜନ ସମାବେଶରେ ବୈଜୟନ୍ତ ପଣ୍ଡାଙ୍କ ସମେତ ଅନ୍ୟମାନେ।

ଜନସମାବେଶ ପରେ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନରେ ବୈଜୟନ୍ତ କହିଲେ, ବନ୍ଧୁମାନେ ବିଭିନ୍ନ ଦଳରେ ମିଶିବା ପାଇଁ କହୁଛନ୍ତି। ସେ ସମସ୍ତଙ୍କ କଥା ଶୁଣୁଛନ୍ତି। କିନ୍ତୁ କେଉଁ ଦଳରେ ମିଶିବେ ସେ ନିଷ୍ପତ୍ତି ନେଇନାହାନ୍ତି। ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ। ଦାମୋଦର ରାଉତ, ଖାରବେଳ ସ୍ୱାଇଁ, ଧର୍ମେନ୍ଦ୍ର ପ୍ରଧାନ କି ଅନ୍ୟ ଯେ କେହି ବି ହୁଅନ୍ତୁ ନା କାହିଁକି ଦୁର୍ନୀତି ବିରୋଧରେ ମୁହଁ ଖୋଲୁଥିବା ବ୍ୟକ୍ତିଙ୍କୁ ସେ ସମର୍ଥନ କରୁଛନ୍ତି। ସରକାରୀ ପଇସାରେ ଗୁଣ୍ଡାବାହିନୀ ଗଠନ କରି ଆତଙ୍କ କରାଇବା ଆଉ ଚଳିବ ନାହିଁ। ନବୀନ ବାବୁଙ୍କୁ ସେ କହିଛନ୍ତି, ଏବେଠାରୁ ଏପରି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତୁ; ନଚେତ୍ ଆଗାମୀ ଦିନରେ ଲୋକେ ତାଙ୍କୁ ନିୟନ୍ତ୍ରଣ କରିଦେବେ। ଏଠି ଭଲ ନେତା ଅଛନ୍ତି। କାହାକୁ ବି ସମର୍ଥନ ଦେଇପାରେ। ଆଗକୁ ଭାବିଚିନ୍ତି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

### ସମାବେଶସ୍ଥଳରେ ଧସ୍ତାଧସ୍ତି

ଜନସମାବେଶରେ ଯୋଗଦେଇଥିବା ବୈଜୟନ୍ତ ପଣ୍ଡା ତୀବ୍ର ବିରୋଧାଭାସର ସମ୍ମୁଖୀନ ହୋଇଥିଲେ। ବିଜେଡି ଏବଂ କଂଗ୍ରେସ କର୍ମୀ ବୋଲାଉଥିବା କେତେଜଣ ଯୁବକ ତାଙ୍କୁ ଖୋଲାଖୋଲି ବିରୋଧ କରିଥିଲେ। ୨୯କୋଟି ଋଣ ଦୁର୍ନୀତିରେ ସମ୍ପୃକ୍ତ ବୈଜୟନ୍ତ ଫେରିଯାଅ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ନବୀନ ନନ୍ଦଙ୍କ ସମର୍ଥକମାନେ ବିରୋଧକାରୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଉଭୟ ଗୋଷ୍ଠୀ ମଧରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ବିରୋଧ କରୁଥିବା ୪ଜଣ ଯୁବକଙ୍କୁ ଧରି ଆଣିବା ପରେ ଛାଡ଼ି ଦେଇଥିଲା।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଭୂମିପୂଜା

କଣିହାଁ,୧୧।୧୧(ଡି.ଏନ.ଏ)- କଣିହାଁ ବ୍ଲକ ପ୍ରଶାସନ ତରଫରୁ ରବିବାର ସମଲ ଓ କୁଲେଇ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ଜନ କଲ୍ୟାଣ ଉନ୍ନୟନ କାର୍ଯ୍ୟର ଭୂମିପୂଜା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କଣିହାଁ ବିଡିଓ ରମେଶ କୁମାର ଜେନା, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ, ସମଲ ଓ କୁଲେଇ ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ସାହୁ, ରୀନାରାଣୀ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସମଲ ମିନି ଷ୍ଟାଡ଼ିୟମ, ବିଲିଣ୍ଡା, ଟିପୋ, କଟରପଡ଼ା, ବାରୁଆଁ, କୁଲେଇ, ଡଙ୍ଗରବେଡା, ତୁମୁଗୋଳା ଗୋଷ୍ଠୀ କେନ୍ଦ୍ର ପାଇଁ ଭୂମିପୂଜା କରାଯାଇଥିଲା। ସେହିପରି ବିକିସର, କୁଲେଇ ଯାତ୍ରୀ ବିଶ୍ରାମଗାର ସହିତ କଟରାପଡ଼ା, କୋଠାଘର ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଯୁବ ସଂଗଠକ ସୁନୀଲ କୁମାର ପ୍ରଧାନ, ବୁଦ୍ଧିମନ୍ତ ସାହୁ, ପ୍ରଦୀପ ସାହୁ, କୁଳମଣୀ ବେହେରା, ଅଜିତ୍ ପ୍ରଧାନ, ସୁବାସ ଚନ୍ଦ୍ର ମହାନ୍ତି, ନିର୍ମଳ ସାହୁ, ହୃଷୀକେଶ ସାମଲ, ପ୍ରବୀଣ ବେହେରା, ଅଶୋକ ପ୍ରଧାନ ପ୍ରମୁଖଙ୍କ ସମେତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜାତୀୟ ଆଇନସେବା ଦିବସ

ଅନୁଗୋଳ ଅଫିସ, ୧୧।୧୧
ଅନୁଗୋଳ ଆଇନ ସେବା ପ୍ରାଧିକରଣ ତରଫରୁ ଶୁକ୍ରବାର ସ୍ଥାନୀୟ କୋର୍ଟ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ସୌଭାଗିନୀ ମଲ୍ଲିକ ଅଧକ୍ଷତା କରିଥିବା ବେଳେ ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ସଭା ପରିଚାଳନା କରିଥିଲେ। ସିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ସବ୍‌ଜଜ ଲିଲିପ୍ସା ପଶାୟତ, ପ୍ରୋବେସନର ସଞ୍ଜୀବ ପଣ୍ଡା, ଶ୍ରୁତି ସଙ୍ଗୀତା ସାହୁ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ଦାସ ଓ ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଉପସ୍ଥିତ ଓକିଲ, ସଚେତନ ନାଗରିକ, ପାରାଲିଗାଲ ସାମାଜିକ କର୍ମୀମାନଙ୍କୁ ଆଇନସେବା ପ୍ରାଧିକରଣର ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ସଚେତନ କରାଇଥିଲେ। ନିଶୁଳ୍କ ଆଇନସେବା, ଲୋକ ଅଦାଲତ ବ୍ୟବସ୍ଥିତ କରିବା, ବିକଳ୍ପ ବିବାଦ ସମାଧାନ ପଦ୍ଧତି ଦ୍ୱାରା ବିବାଦଗୁଡ଼ିକର ଆପୋଷ ସମାଧାନକୁ ପ୍ରୋତ୍ସାହିତ କରିବା, ଆପରାଧିକ ମାମଲାରେ ପୀଡ଼ିତ ବ୍ୟକ୍ତିଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ଆଇନସେବା ପ୍ରାଧିକରଣର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ।

### କଂଗ୍ରେସ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ

ବନ୍ତଳା, ୧୧।୧୧ (ଡି.ଏନ.ଏ.)- ଅନୁଗୋଳ ବ୍ଲକ ନୂଆମୌଜା ପଞ୍ଚାୟତ ଶରଧାପୁରଠାରେ ରବିବାର କଂଗ୍ରେସ କାର୍ଯ୍ୟାଳୟ ଗୃହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଏହି ଉତ୍ସବରେ ବ୍ଲକ କଂଗ୍ରେସ ସଭାପତି ମୋହନ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ସମ୍ମାନିତ ଅତିଥି ଭାବେ ବଂଶୀଧର ପ୍ରଧାନ, ବେଣୁଧର ସାହୁ, ରଞ୍ଜିତ ପ୍ରଧାନ, ବିମଳ ପ୍ରଧାନ, କୁମୁଦ ସାହୁ, ସତ୍ୟାନନ୍ଦ ସାହୁ, ଚିତ୍ତରଞ୍ଜନ ନାଏକ, ସୁରେଶ ପ୍ରଧାନ, ଉମେଶ ସାହୁ, ତପସ୍ୱିନୀ ବିଶ୍ୱାଳ ଓ ଆଇନଜୀବୀ ରଜତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସଙ୍ଗଠନକୁ ମଜଭୁତ କରିବା ସହ ସମସ୍ତେ ଏକ୍ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ବହୁ କର୍ମୀ ସହଯୋଗ କରିଥିଲେ।

### ଆସନ୍ତାବର୍ଷ ଲକ୍ଷ୍ମୀପୂଜା ପାଇଁ ନୂଆ କମିଟି

**ଅନୁଗୋଳ ଅଫିସ, ୧୧।୧୧:** ଅନୁଗୋଳ ଜିଲା ଫରେଷ୍ଟ ରେଞ୍ଜର କଲେଜ ନିକଟରେ ଆସନ୍ତା ବର୍ଷ ଠାରୁ ଲକ୍ଷ୍ମୀପୂଜା କରାଯିବା ପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହି ପୂଜା ପାଇଁ ଶ୍ରୀ ଲକ୍ଷ୍ମୀ ପୂଜା କମିଟି ଗଠନ କରାଯାଇଛି। ଏହି ବୈଠକରେ ସୌଭାଗ୍ୟନଗର ଓ ଶୀତଳବିହାରର ବହୁ ବରିଷ୍ଠ ସଭ୍ୟ ଯୋଗଦାନ କରିଥିଲେ। ସଭାପତି ଭାବେ ଅଭିଷେକ ପଟ୍ଟନାୟକ, ଉପସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ ଓ ଜ୍ୟୋତିର୍ମୟ ଦାସ, ସମ୍ପାଦକ ମଧୁସୂଦନ ବେହେରା, ସହ ସମ୍ପାଦକ ଧୀରେନ ବେହେରା ଓ କୋଷାଧକ୍ଷ ସମ୍ବିତପୂର୍ଣ୍ଣ ସାମଲ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

■ପୌରାଞ୍ଚଳ ଅଳିଆକୁ ଲୋକଙ୍କ ବିରୋଧ

# ଗାଡ଼ି ଭାଙ୍ଗିଲେ, କର୍ମଚାରୀଙ୍କୁ ପିଟିଲେ

**ଅନୁଗୋଳ ଅଫିସ,୧୧।୧୧**



ଅନୁଗୋଳ ପୌରାଞ୍ଚଳ ଅଳିଆ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଅଳିଆ କେଉଁଠି ପଡ଼ିବ ତାହାକୁ ନେଇ ଶନିବାର ପ୍ରଶାସନ ଉପସ୍ଥିତିରେ ପୌରପାଳିକା ଓ ବିରୋଧ କରୁଥିବା କୁଶାସିଂହା ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ ବୈଠକ ବସିଥିଲା। ଏହା ସତ୍ତ୍ୱେ ରବିବାର ଅଳିଆ ପକାଯିବା ବେଳେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଅଳିଆ ନେଇ ଯାଇଥିବା ଗାଡ଼ି ଭାଙ୍ଗି ଦେବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିବା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ପ୍ରକାଶ କରିଛନ୍ତି। ଏ ନେଇ ସେ ସୋମବାର ଥାନାରେ ଏତଲା ଦେବେ ବୋଲି କହିଛନ୍ତି।

ନିର୍ବାହୀ ଅଧିକାରୀଙ୍କ କହିବା ଅନୁଯାୟୀ, ପୂର୍ବାହ୍ନରେ ୪ଟି ଟ୍ରାକ୍ଟର ଓ ଗୋଟିଏ ଟିପ୍ପର ଅଳିଆ ନେଇ ତାଙ୍କ ନେତୃତ୍ୱରେ କୁଶାସିଂହା ଡମ୍ପିଂୟାର୍ଡକୁ ଯାଇଥିଲା। ସେଠାରେ ଅଳିଆରେ ନିଆଁ ଲଗାଯିବା ପରେ ଏକ ଆଉ ଗାଡ଼ି ପଞ୍ଚିବାକୁ ଗ୍ରାମବାସୀ ବିରୋଧ କରିଥିଲେ। ତାହାକୁ ଧ୍ୟାନ ନ ଦେଇ କର୍ମଚାରୀମାନେ କାର୍ଯ୍ୟ ଜାରି ରଖିଥିବା ବେଳେ ଉତ୍ତ୍ୟକ୍ତ ଲୋକମାନେ ଠେଙ୍ଗା ବାଡ଼ି ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ।

- ■ ଶନିବାର ବସିଥିଲା ସମାଧାନ ବୈଠକ
- ■ ଅଳିଆ ପକାଉଥିଲା ୪ ଟ୍ରାକ୍ଟର, ଗୋଟିଏ ଟିପ୍ପର
- ■ ସୋମବାର ଥାନାରେ ଏତଲା ଦେବେ ପୌର ନିର୍ବାହୀ ଅଧିକାରୀ

ଏପରି କି ଢେଲା ପଥର ମାଡ଼ ମଧ୍ୟ କରିଥିଲେ। ଲୋକମାନେ ଗୋଟିଏ ଟ୍ରାକ୍ଟରକୁ ଓଲଟାଇ ଦେବା ସହ ଟିପ୍ପର କାଚ ଓ ସାମ୍ନା ପାର୍ଶ୍ୱ ଭାଙ୍ଗି ଦେଇଥିଲେ। ଫଳରେ ଡ୍ରାଇଭରଙ୍କ ହାତରେ ଆଘାତ ଲାଗିଥିଲା। ଶନିବାର ଜିଲା ପ୍ରଶାସନ ସହ ପୌର ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବୈଠକରେ କୁଶାସିଂହା ଡମ୍ପିଂୟାର୍ଡରେ ଅଳିଆ ପକାଯିବାକୁ ନିଷ୍ପତ୍ତି ହୋଇଥିଲେ ବି ଲୋକେ ବିରୋଧ କରିଥିଲେ। ପୌରପରିଷଦର ୩ରୁ ୪ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଏ ନେଇ ସୋମବାର ଥାନାରେ ଲିଖିତ ଅଭିଯୋଗ କରାଯିବ। ସରକାରଙ୍କ ସମ୍ପତ୍ତି ନଷ୍ଟ କରିଥିବାରୁ ଥାନାରେ ଅଭିଯୋଗ କରାଯିବ ବୋଲି ଜେନା କହିଛନ୍ତି। ଅପରପକ୍ଷରେ ଗ୍ରାମବାସୀ କହିଛନ୍ତି, ପୌରାଞ୍ଚଳ ଅଳିଆ ତାଙ୍କ ଅଞ୍ଚଳରେ ପକାଯାଉ। ପଞ୍ଚାୟତ ଅଞ୍ଚଳରେ ସହରର ଅଳିଆ ପକାଇ ଦିଆଯିବ ନାହିଁ।

## ପଞ୍ଚାୟତ ଚତୁର୍ଥ କର୍ମଚାରୀ ସଂଘ ଗଠନ

**ବନ୍ତଳା, ୧୧।୧୧ (ଡି.ଏନ.ଏ)**

ଅନୁଗୋଳ ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି, ଝାଡୁଦାରମାନଙ୍କୁ ନେଇ ରବିବାର ପଞ୍ଚମହଲା ସ୍ଥିତ ହରିମହୁରୀ ଆମ୍ବ ବଗିଚାରେ ଜିଲା ଗ୍ରାମ ପଞ୍ଚାୟତ ଚତୁର୍ଥ କର୍ମଚାରୀ ସଂଘ ଗଠନ ହୋଇଛି। ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଜିଲାର ୮ଟି ବ୍ଲକର ୨୨୫ ପଞ୍ଚାୟତ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ବିଶ୍ୱାଳ ସଭାପତି, ବିଦେଶୀ ମହାଳିକ ସମ୍ପାଦକ, ବୀରେନ୍ଦ୍ର ବିଶ୍ୱାଳ କୋଷାଧକ୍ଷ, ଅଭିରାମ ଦେହୁରୀ କାର୍ଯ୍ୟକାରୀ ସଭାପତି, କୃତାର୍ଥ ସାହୁ କାର୍ଯ୍ୟକାରୀ ସେକ୍ରେଟାରୀ, ଉପଦେଷ୍ଟା ଭାବେ ଶଙ୍କର୍ଷଣ ସୁବୁଦ୍ଧି, ପ୍ରଦୀପ ପ୍ରଧାନ, ପ୍ରସନ୍ନ କୁମାର ସାହୁ, ମାଧବ ସାହୁ, ଦୁଃଶାସନ ପ୍ରଧାନ, ନରେନ୍ଦ୍ର ମୁର୍ଦୁଲି, ନାରାୟଣ ବିଶ୍ୱାଳ, ରତିକାନ୍ତ ସାହୁ, ଭଜମନ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ୩ ଜଣ ପିଅନଙ୍କ ମୃତ୍ୟୁକୁ ନେଇ ଶୋକ ପାଳନ ସହ ମୃତକଙ୍କ ପରିବାରର ଜଣଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ପାଇଁ ସରକାରଙ୍କୁ ସଂଘ ଜଣାଇବାକୁ ନିଷ୍ପତ୍ତି ହୋଇଛି। କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସରକାରୀ ମାନ୍ୟତା ଆଦି ଦାବିରେ ଶୀତକାଳିନ ବିଧାନସଭା ଅଧିବେଶନ ସମୟରେ ସଚ୍ଚିବାଳୟଠାରେ ଧର୍ମଘଟ କରିବାକୁ ନିଷ୍ପତ୍ତି ହୋଇଛି।

# ରାସ୍ତା ମରାମତି କଲେ ଗ୍ରାମବାସୀ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

**ବଇଣ୍ଡା,୧୧।୧୧(ଡି.ଏନ.ଏ)**

ଗ୍ରାମକୁ ସଂଯୋଗୀକରଣ ପାଇଁ ଶୋଚନୀୟ ରାସ୍ତାର ମରାମତି ଦିଗରେ ପ୍ରଶାସନ ପଦକ୍ଷେପ ନ ନେବାରୁ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ପଡ଼ିଆବନ୍ଧୁପାଲି ଗ୍ରାମବାସୀ। ଗ୍ରାମବାସୀ ଏକଜୁଟ୍ ହୋଇ ଚାନ୍ଦା ଆଦାୟ କରି ରବିବାର ଏହି ମରାମତି କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଘୋଷରଠାରୁ ପଡ଼ିଆବନ୍ଧୁପାଲି ଅଧ କିମି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ଉପରେ ଦୁଧିଆନାଳୀ, କିଶୋରଚନ୍ଦ୍ରପୁର, ପଡ଼ିଆବନ୍ଧୁପାଲି ଗ୍ରାମବାସୀ ନିର୍ଭର କରୁଛନ୍ତି। ଘୋଷର ନାଳ ଦେଇ ଏହି ରାସ୍ତା କଦର୍ଯ୍ୟ ହୋଇପଡିଥିବାରୁ ଜନ ସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି। ହେଲେ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀ ଏକାଠି ହୋଇ ଚାନ୍ଦା ଆଦାୟ କରିବା ସହ ରବିବାର ଉକ୍ତ ରାସ୍ତାରେ ମୋରମ ପକାଇ ମରାମତି କରିଛନ୍ତି। ଦୀର୍ଘ ୫ ବର୍ଷ ହେବ ଉକ୍ତ ରାସ୍ତାରେ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ମାଟି ମୁଠାଏ ପକାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେଇ ସେଠାରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମର ଧନେଶ୍ୱର ପ୍ରଧାନ, ବିଜୟ ପ୍ରଧାନ, ରଞ୍ଜନ ପ୍ରଧାନ, କ୍ଷୀରୋଦ ପ୍ରଧାନ, ହେମନ୍ତ ପ୍ରଧାନ, ଚୈତନ୍ୟ ସାହୁ, ସତ୍ୟ ନାରାୟଣ ପ୍ରଧାନ, ଇନ୍ଦ୍ରମଣି ସାହୁ, ଧର୍ମରାଜ ସାହୁ, ଚିତ୍ତ ରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

■ଭୟରେ ଟାୱାରରେ ଚଢିଗଲେ ଯୁବକ

# ୪ ଘଣ୍ଟା ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ

**ବଅଁରପାଳ,୧୧।୧୧ (ଡି.ଏନ୍.ଏ)**

ନାଲ୍‌କୋ ସେଣ୍ଟ୍ରାଲ ମାର୍କେଟ ନିକଟସ୍ଥ ଏକ ୨୦୦ ଫୁଟ୍ ମୋବାଇଲ ଟାୱାର୍ ଉପରେ ରବିବାର ଜଣେ ଯୁବକ ଚଢିଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଯୁବକ ଜଣଙ୍କୁ ଉଦ୍ଧାର କରିଛନ୍ତି।

ଘଟଣାରୁ ଜଣାପଡିଛି, ଜରଡ଼ା ଅଞ୍ଚଳର ଜଗଦୀଶ ନାଏକ (୩୫) ଶନିବାର ରାତିରେ ବଅଁରପାଳର ଟେଣ୍ଟୁଲୋଇ ଅଞ୍ଚଳକୁ ନାଚ ଦେଖିବାକୁ ଯାଇଥିଲେ। ରବିବାର ଭୋର୍ ସମୟରେ ସେ ଶୌଚ ହେବାକୁ ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ ସେଠାରେ ହଠାତ୍ ପୋଲିସ ଗାଡିକୁ ଦେଖି କେତେଜଣ ଲୋକ ଦୌଡି ପଳାଇ ଯାଉଥିଲେ। ଏହା ଦେଖି ଜଗଦୀଶ ମଧ୍ୟ ସେଠାରୁ ଭୟରେ ଦୌଡିବାକୁ ଲାଗିଥିଲେ। ଜଗଦୀଶ ଦୌଡୁଥିବା ଦେଖି କେତେଜଣ ଲୋକ ତାଙ୍କୁ ଚୋର ଭାବି ଗୋଡାଇଥିଲେ। ଫଳରେ ସେ ଅଧିକ ଭୟଭୀତ ହୋଇ ନାଲ୍‌କୋ ଅଞ୍ଚଳରେ ଥବା ଉକ୍ତ ଟାୱାର ଉପରେ ଚଢିଯାଇଥିଲେ। ଦୀର୍ଘ ୪ ଘଣ୍ଟା କାଳ ସେଠାରେ ସେ ଛିଡା ହୋଇ ରହିଥିଲେ। ଖବରପାଇ ନାଲ୍‌କୋ ପୋଲିସ ଓ ଦମକଳ ସଂସ୍ଥା କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।



ଟାୱାର ଉପରେ ଛିଡ଼ା ହୋଇ ରହିଥିବା ଜଗ୍‌ଦୀଶ।

## ସାତକୋଶିଆ ମହୋତ୍ସବ ଉଦ୍‌ଯାପିତ

**ଅନୁଗୋଳ ଅଫିସ,୧୧।୧୧**

ମା' ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ୨ ଦିନିଆ ସାତକୋଶିଆ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଓଡ଼ିଶୀ ତଥା ବିଭିନ୍ନ ଲୋକ ନୃତ୍ୟର ପ୍ରଚାର ଓ ପ୍ରସାର ସାଙ୍ଗକୁ ପ୍ରତିଭା ଗଢ଼ିବାରେ ନୃତ୍ୟନିଳୟର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଯୋଗଦେଇ ଅନୁଗୋଳ ଜିଲାରେ ନୃତ୍ୟସଙ୍ଗୀତ କ୍ଷେତ୍ରରେ ପ୍ରତିଭାର ଅଭାବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟନିଳୟର ଉପଦେଷ୍ଟା ହେମନ୍ତ ଦାସ, ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମାରୋହରେ କବିତା ଦ୍ୱିବେଦୀଙ୍କୁ ସାତକୋଶିଆ ସମ୍ମାନ ଓ ଅନିଶା ସିହ୍ନାଙ୍କୁ ନବାଗତା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଯଜ୍ଞ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବଟକୃଷ୍ଣ ତ୍ରିପାଠୀ ଓ ରବୀନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରଥିଲେ।

■ଟାୱାର ବ୍ୟାଟେରି, ଜେନେରେଟର ଚୋରି ର୍‍ୟାକେଟ ଠାବ

# ଗାଡ଼ି ଜବତ, ଜଣେ ଅଟକ

**ବନ୍ତଳା, ୧୧।୧୧ (ଡି.ଏନ.ଏ)**

ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ମୋବାଇଲ ଟାୱାରରୁ ଲଗାତାର କିଛି ଦିନ ହେଲା ବ୍ୟାଟେରି ଓ ଜେନେରେଟର ଚୋରି ଘଟଣାରେ ବନ୍ତଳା ପୋଲିସ ଏକ ଆନ୍ତଃରାଜ୍ୟ ର୍‍ୟାକେଟକୁ ଠାବ କରିଛି। ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିବା ସହ ଏକ ବୋଲେରୋ ଜବତ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତିରେ ବନ୍ତଳା ଥାନା ନନ୍ଦପୁର ଗ୍ରାମରେ ଥିବା ଏଟିସି ମୋବାଇଲ ଟାୱାରରୁ ୫/୬ ଜଣ ଦୁର୍ବୃତ୍ତ ଏକ ବୋଲେରୋ (ନଂ. ଓଡ଼ି-୧୯ ଜି -୮୨୨୨)ରେ ବ୍ୟାଟେରି ଚୋରି ପାଇଁ ଉଦ୍ୟମ କରୁଥିଲେ। ନେଟୱାର୍କ ସ୍ଲୋ ହେବାରୁ କମ୍ପାନୀ ତରଫରୁ ସୂଚନା ମିଳିବା ପରେ ଏରିଆ ମ୍ୟାନେଜର ଓ ସହକର୍ମୀମାନେ ଜାଗାର ମାଲିକଙ୍କୁ ଜଣାଇଥିଲେ। ମାଲିକ ତୁରନ୍ତ ଉକ୍ତ ଟାୱାର ପାଖକୁ ଯିବାରେ ଟାୱାରୁ ଦୁର୍ବୃତ୍ତମାନେ ବ୍ୟାଟେରି କାଢୁଥିବା ଦେଖିବାକୁ ପାଇଥିଲେ। ସେଠାରୁ ଦୁର୍ବୃତ୍ତମାନେ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବାବେଳେ ଜଣଙ୍କୁ ଗ୍ରାମବାସୀ କାବୁ କରି ନେଇଥିଲେ। ଟାୱାର କର୍ମଚାରୀ ଓ ବନ୍ତଳା ଆଇଆଇସି ସବ୍ୟସାଚୀ ରାଉତ ସେଠାରେ ପହଞ୍ଚି ବୋଲେରୋ ଓ ବ୍ୟାଟେରି ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ଏକ ର୍‍ୟାକେଟ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, କଟକ ଆଦି ଅଞ୍ଚଳରେ ବିଭିନ୍ନ ମୋବାଇଲ ଟାୱାରରୁ ବ୍ୟାଟେରି, ଜେନେରେଟର ଚୋରି କରୁଥିବା ପୋଲିସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଯେ, ଆଠମଲ୍ଲିକ ଚିକୁଣ୍ଡା ନାଳିରେ ଥିବା ଟାୱାରରୁ ୨୪ ବ୍ୟାଟେରି, ହଣ୍ଡପା ଥାନା କମରେଇ ମୋବାଇଲ ଟାୱାର୍‌ରୁ ୪୮ଟି ବ୍ୟାଟେରି, କିଶୋରନଗର ଥାନା ସାଧୁଣ୍ଡା ଟାୱାର୍‌ରୁ ଅଢେଇ ଲକ୍ଷ ଟଙ୍କାର ଡିଜି ମେଶିନ୍, ଜରପଡ଼ା ଥାନା କନ୍ଧକରୋଡ଼ା ଟାୱାର୍‌ରୁ ୩ ଲକ୍ଷ ଟଙ୍କାର ଡିଜି ମେସିନ୍ ଓ ୪ଟି ବ୍ୟାଟେରି, ଠାକୁରଗଡ଼ ଥାନା ତଲେଇପଦାର ଡିଜି ମେସିନ୍ ସହିତ ୪ଟି ବ୍ୟାଟେରି ଚୋରି ହୋଇସାରିଛି। ସକାଳେ ଅନୁଗୋଳ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସ୍‌ଦା, ଆଠମଲ୍ଲିକ ଆଇଆଇସି ତାପସ ଭୋଇ ପହଞ୍ଚି ତଦନ୍ତ ଚଳାଇଥିଲେ। ଅପରାହ୍ନରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ବନ୍ତଳାରେ ପହଞ୍ଚିଥିବା ଜଣାପଡ଼ିଛି।



# ସେବକ ବଂଶୀଧରଙ୍କ ମହାଯାତ୍ରା ଉତ୍ସବ



ପୂଜା କାର୍ଯ୍ୟକ୍ରମରେ ଶାନ୍ତି ଆନନ୍ଦାଶ୍ରମର ସଦସ୍ୟ ଓ ଭକ୍ତମାନେ ଯୋଗ ଦେଇଛନ୍ତି।

**ଅନୁଗୋଳ ଅଫିସ,୧୧।୧୧**

ଅନୁଗୋଳ ଅଙ୍ଗାରବନ୍ଧ ପଞ୍ଚାୟତ ବାରସିଂହା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବକ ବଂଶୀଧର ସାହୁଙ୍କ ପରଲୋକ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନରେ ଅଭିରାମ ସତ୍‌ସଙ୍ଗ, ନାମଯଜ୍ଞ, ଘୃତଯଜ୍ଞ, ଭଜନ, ସ୍ତୁତିଚାରଣ, ଷୋଡ଼ଷ ଉପଚାର ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭକ୍ତ, ଅଞ୍ଚଳବାସୀଙ୍କ ସହ ଶାନ୍ତି ଆନନ୍ଦାଶ୍ରମ ପୁରୀରୁ ବରିଷ୍ଠ ସନ୍ନ୍ୟାସୀ ଅନ୍ତର୍ଯ୍ୟାମୀ ବାବା, ସଦାନନ୍ଦ ବାବା, ବନ ବିହାରୀ ବାବା, ରାସ ବିହାରୀ ବାବା, ଗୁରୁ ଚରଣ ବାବା, ଶେଷାନନ୍ଦ ବାବା, ପ୍ରାଣବନ୍ଧୁ ବାବା, ବିଭୂ ପ୍ରସାଦ ବାବା, ନୀଳାମ୍ବର ବାବା, ଚିନ୍ମୟ ବାବା, ଦିବ୍ୟ ଚୈତନ୍ୟ ବାବା, କାର୍ତ୍ତିକ ବାବା, ଦୁଃଖିଶ୍ୟାମ ବାବା ଓ ପାବନ ବାବା ପ୍ରମୁଖ ୧୪୫ ଜଣ ସାଧୁ ଯୋଗଦାନ କରିଥିଲେ। ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂହ, ପ୍ରତାପ ପ୍ରଧାନ, ବିପ୍ଳବ ଜେନା, ବଂଶୀ ପ୍ରଧାନ ଓ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବାରସିଂହାରେ ସେବକ ସାହୁଙ୍କୁ ସମାଧି ଦିଆଯାଇଥିଲା

■ଗୋ ନବରାତ୍ର ଯଜ୍ଞ ମହୋତ୍ସବ ପାଇଁ କଳସଯାତ୍ରା

# ଗୋମାତାଙ୍କ ଜୟକାରରେ କମ୍ପିଲା ସହର

**ଅନୁଗୋଳ ଅଫିସ,୧୧।୧୧**

ଅନୁଗୋଳ ବିଜୁ ମଇଦାନଠାରେ ଚାଲିଥିବା ଗୋ ନବରାତ୍ର ଯଜ୍ଞ ମହୋତ୍ସବ ପାଇଁ ରବିବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଘଣ୍ଟ, ଘଣ୍ଟା, ମନ୍ତ୍ର ସାଙ୍ଗକୁ ହରିବୋଲ ହୁଳହୁଳିରେ ସହର ପ୍ରକମ୍ପିତ ହୋଇପଡ଼ିଥିଲା। ମାରୱାଡି ଧର୍ମଶାଳାରୁ ଏହା ବାହାରି ରାଜ ଛକ, ଥାନା ଛକ ଦେଇ ବିଜୁ ମଇଦାନ ଠାରେ ପହଞ୍ଚିଥିଲା। ଏହାପରେ ଅଙ୍କୁରାରୋପଣ, କଳସ ସ୍ଥାପନା, ଅଧିବାସ କର୍ମ ଶେଷ ହୋଇଥିଲା। ଅପରାହ୍ନରେ ଗୋ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଅନେକ ପରିବେଶ ଉପଯୋଗୀ କୀଟପତଙ୍ଗ ଓ ଅଣୁଜୀବଙ୍କ ବିନାଶ ଘଟି ଜୈବ ଅସନ୍ତୁଳନ ଦେଖାଯାଉଛି। ଏହା ଦ୍ୱାରା ଫସଲ ହାନି ଭଳି କୃଷି ବିପର୍ଯ୍ୟୟ ଘଟୁଥିବା ବେଳେ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଗୋବର, ଗୋମୂତ୍ର ପ୍ରୟୋଗରେ ହେଉଥିବା ଜୈବିକ କୃଷି ହିଁ ସମସ୍ୟା ସମାଧାନର ମୂଳ ମନ୍ତ୍ର ବୋଲି କର୍ମଶାଳାରେ ଅତିଥି ପ୍ରଶିକ୍ଷକ ଭାବେ ଯୋଗଦେଇ ଜୈବିକ କୃଷି ବିଶେଷଜ୍ଞ ସଚ୍ଚିଦାନନ୍ଦ ପଣ୍ଡା କହିଥିଲେ। ସେହିଭଳି ସତ୍‌ସଙ୍ଗରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ ଯେ, ଭାରତୀୟ ସନାତନ ଧର୍ମକୁ ଧ୍ୱଂସ କରିବା ପାଇଁ ଗୋ ବଂଶନାଶ କରାଯାଉଛି। ଏହା ଏକ ଭୟଙ୍କର ଷଡ଼ଯନ୍ତ୍ର। ସରକାରଙ୍କ ଠାରୁ ପ୍ରଶାସନ ଓ ସାଧାରଣ ଜନତା ନୀରବଦ୍ରଷ୍ଟା ସାଜି ନିଜେ ନିଜର ବିନାଶର କାରଣ ସାଜୁଛନ୍ତି। ଅନ୍ୟତମ ଅତିଥିଭାବେ ବାବାଜୀ ଛନ୍ଦାଚରଣ ଦାସ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ମହନ୍ତ ତ୍ରିଲୋଚନ ଦାସ, ସ୍ୱାମୀ ଶ୍ରୀକୃଷ୍ଣା ନନ୍ଦ ପ୍ରମୁଖ ଉପସ୍ଥିତ ରହି ଗୋ ବଂଶର ସୁରକ୍ଷା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାମୀ ସମର୍ପଣା ନନ୍ଦ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ, ସୋମବାର ୧୨, ନଭେମ୍ବର ୨୦୧୮

## ସଂକ୍ଷେପରେ

### ଦେବୀନଗର ଜଙ୍ଗଲରେ ୧୩ ହାତୀ

ଛେଣ୍ଡିପଦା,୧୧।୧୧(ଡି.ଏନ.ଏ.)- ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଶିମିଳିପାଳ ଦେବୀ ନଗର ଜଙ୍ଗଲ ଓ ପାହାଡ଼ ଇଲାକାରେ ରବିବାର ୧୩ ଟି ହାତୀ ଚଳପ୍ରଚଳ କରୁଥିବା ଜଣାପଡିଛି। ଏହି ହାତୀ ପଲ ଆଖପାଖ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବିଶେଷ କରି ପାତ୍ରପଡା, ଶିମିଳିପାଳ, କାଠପାଳ, ବସନ୍ତପୁର, ଡେଉରିଆଝରଣ, ମାଛକୁଟା, ଛେଣ୍ଡିପଦା ଜଙ୍ଗଲ, ଘୁଣ୍ଟୁଲିପଶି, ହରିଡାଗୋଡ, ହାଣ୍ଡିଗୋଡା, ଖୁଣ୍ଟାନାଳୀ, ଟେଣ୍ଟୁଲୋଇ, ବାଲିପଟା, କିସିଣ୍ଡା କୁକୁରପେଟା, ବ୍ରାହ୍ମଣବିଲ, କରଡାବାହାଳ, ସନ୍ତରାବନ୍ଧ, ଚାଙ୍ଗୁଡିଆ, କଙ୍କୁରପାଳ, କମ୍ପସଲା, ବଡବେରେଣା, ଡାହିବର, ଲଙ୍ଗୁଲି, ଗୋଳାଗାଡିଆ, ଛେଣ୍ଡିପଦା, ନୂଆଗାଁ, କଣଲୋଇ, ପରା, ଓଗୀ କତଡା, ଜେରେଙ୍ଗ ଆଦି ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜଙ୍ଗଲ ଏବଂ ଜଙ୍ଗଲ ରାସ୍ତା ଦେଇ ଯିବାଆସିବା ନ କରିବା ପାଇଁ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସେହିପରି ସାତକୋଶିଆ ଅଭୟାରଣ୍ୟ ଇଲାକାରୁ ଦୁଇଟି ଦନ୍ତା ଜରପଡା ଫରେଷ୍ଟ ରେଞ୍ଜ ଇଲାକାକୁ ପଳାଇ ଆସିଛନ୍ତି। ଫଳରେ ବକଳା, ପିତାଚରୀ, ଡାହିମାଳ, ବଡମୂଳ, କିସିଣ୍ଡା, କତଡା, ଲକ୍ଷ୍ମୀଧରପୁର, ଦୁର୍ଗାପୁର ଆଦି ଗ୍ରାମ ଇଲାକାରେ ଲୋକେ ଭୟଭୀତ ହୋଇପଡିଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

### ଯୁକ୍ତାତ୍ମକ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୧୧।୧୧- ବଣଁରପାଳ ବ୍ଲକ ଫୁଲପଡ଼ାରେ ନେହେରୁ ଯୁବକେନ୍ଦ୍ର ସହାୟତାରେ ଓ ପ୍ରଜ୍ଞାଜାଗୃତି ଶିକ୍ଷା ନିକେତନ ଆନୁକୂଲ୍ୟରେ ଯୁକ୍ତାତ୍ମକ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିକ୍ଷା ନିକେତନ ଫୁଲପଡ଼ା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବସନ୍ତ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବିଜୟାନନ୍ଦ ସାହୁ, ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ ଓ ରାଷ୍ଟ୍ରୀୟ ଯୁବ ସଙ୍ଗଠନ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ନିକେତନର ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବ ଶକ୍ତି ସମାଜର ବିଭିନ୍ନ ପ୍ରଗତି କ୍ଷେତ୍ରରେ ଯୁକ୍ତାତ୍ମକ ଭାବେ ଲାଗି ପଡ଼ି ସମାଜ ଗଠନରେ ସହାୟତା କଲେ ଦେଶ ପରିବର୍ତ୍ତନ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏଥିରେ ନେହେରୁ ଯୁବ କେନ୍ଦ୍ରର ସଦସ୍ୟ ସନ୍ଦୀପ ଗଡ଼ନାୟକ ଉପସ୍ଥିତ ଥିଲେ। ସଭ୍ୟା ସଂଘମିତ୍ରା ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଇସ୍କନ ଅନୁଗୋଳରେ ଗୋବର୍ଦ୍ଧନ ପୂଜା

ଅନୁଗୋଳ ଅଫିସ, ୧୧।୧୧- ଅନୁଗୋଳ ବେଣାଗାଡ଼ିଆସ୍ଥିତ ଇସ୍କନ ପକ୍ଷରୁ ଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ପ୍ରାତଃ ୪ଟା ୩୦ରୁ ମଙ୍ଗଳ ଆରତୀ, ଦର୍ଶନ ଆରତୀ କରାଯାଇ ଅଖଣ୍ଡ ନାମ ସଂକୀର୍ତ୍ତନ ଦ୍ୱାରା ଗିରିରାଜ ଗୋବର୍ଦ୍ଧନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ବ୍ରହ୍ମଚାରୀ କୃଷ୍ଣ ଗୋବିନ୍ଦ ଦାସ ପ୍ରବଚନ ପ୍ରଦାନ କରିଥିଲେ। ପରେ ମହାଭିଷେକ ଅନୁଷ୍ଠିତ ହୋଇଥିଲା। ଶେଷରେ ମହାଆରତୀ କରାଯାଇଥିଲା। ଏଥିରେ ଅନୁଗୋଳ ତଥା ଆଖପାଖରେ ବହୁ ଭକ୍ତ ଯୋଗଦାନ କରିଥିଲେ। ଏହି ଉତ୍ସବକୁ ଇସ୍କନ ଅନୁଗୋଳର ଶାଖା ପରିଚାଳକ ବରଦ କୃଷ୍ଣ ଦାସ ଓ ଅନ୍ୟ ଭକ୍ତମାନେ ପରିଚାଳନା କରିଥିଲେ।

### ନିତାଇଗୌର ଆଶ୍ରମରେ ଛପନ ଭୋଗ

ପବିତ୍ରନଗର, ୧୧।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ଗହମ ସ୍ଥିତ ନିତାଇ ଗୌର ଆଶ୍ରମରେ ଛପନ ଭୋଗ ଲାଗି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ସକାଳୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ଠାକୁରଙ୍କ ନିମନ୍ତେ ଭୋଗ ପ୍ରସ୍ତୁତ ହୋଇଥିଲା। ଛପନ ପ୍ରକାରର ଭୋଗ ପ୍ରଭୁଙ୍କ ନିକଟରେ ଲାଗି ହୋଇଥିଲା। ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଆଶ୍ରମର ବାବାଜୀ ପ୍ରଭୁପାଦ ଦାସ ଓ ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ନେଇଛି ୯୩ ଜୀବନ

**ବନ୍ତଲା, ୧୧।୧୧ (ଡି.ଏନ.ଏ.)**

- ମିଳିଛି ୩ କୋଟି ୫୪ ଲକ୍ଷ ଟଙ୍କାର ସହାୟତା
- ଅଗ୍ନିକାଣ୍ଡରେ ୭୫ ପରିବାର ହୋଇଛନ୍ତି କ୍ଷତିଗ୍ରସ୍ତ
- ସଚେତନତା ଅଭାବରୁ ଏବେ ବି ଅନେକ ବଞ୍ଚିତ



ଅନୁଗୋଳ ଜିଲାରେ ଗତ ୨୦୧୭-୧୮ ବର୍ଷରେ ମୋଟ୍ ୯୩ ଜଣଙ୍କ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ଘଟିଛି। ଜିଲାପାଳଙ୍କ ଅନୁମୋଦନ କ୍ରମେ ସରକାର ଜିଲା ଆପାତକାଳୀନ ବିଭାଗ ପକ୍ଷରୁ ସମ୍ପୃକ୍ତ ମୃତକଙ୍କ ପରିବାରକୁ ୩ କୋଟି ୫୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ହେଲେ ସଚେତନତା ଅଭାବରୁ ଜିଲାର ଜଙ୍ଗଲାଞ୍ଚଳରେ ବସବାସ କରୁଥିବା ବହୁ ଗରିବ ପରିବାର ଏହି ଅନୁକମ୍ପାମୂଳକ ସହାୟତା ରାଶିରୁ ବଞ୍ଚିତ ହୋଇଥିବା ସାଧାରଣରେ ଅଭିଯୋଗ ଉଠୁଛି।

ସାଧାରଣତଃ ସାପ କାମୁଡ଼ା, ହାତୀ, ବାଘ, ଭାଲୁ ଆକ୍ରମଣରେ ମୃତ୍ୟୁ, ପାଣିରେ ବୁଡ଼ି, ବଜ୍ରପାତରେ ମୃତ୍ୟୁ ହେଲେ ସରକାର ସମ୍ପୃକ୍ତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଆକାରରେ ପ୍ରଦାନ କରୁଛନ୍ତି। ସେହିପରି ଅଂଶୁଘାତରେ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଦିଆଯାଉଛି। ଏହାଛଡ଼ା ଅଗ୍ନି ବିପନ୍ନ ପରିବାରଙ୍କୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଉଛି। ଏ ନେଇ ସରକାର ଓ ଜିଲା ପ୍ରଶାସନ ତରଫରୁ ମାଇକ୍, ପ୍ରଚାର ପତ୍ର, ବିଜ୍ଞାପନ, ବ୍ୟାନର ଓ ବିଭିନ୍ନ ନାଚଗୀତ, ପାଲା ମାଧ୍ୟମରେ ଗାଁ ଗାଁରେ ସଚେତନତା ସୃଷ୍ଟି କରାଯାଉଛି। ଏହା ସତ୍ତ୍ୱେ ବି ଲୋକେ ସଚେତନ ହେଉ ନ ଥିବାରୁ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ବହୁ ପରିବାରକୁ ସହାୟତା ରାଶି ମିଳିପାରୁନି। ଜିଲାର ଅନୁଗୋଳ ବ୍ଲକରେ ସାପ କାମୁଡ଼ାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପାଣିରେ ବୁଡ଼ି ୪, ବଜ୍ରପାତରେ ୩ ଜଣ ପ୍ରାଣ ହରାଇଛନ୍ତି। ବଣଁରପାଳ ବ୍ଲକରେ ସାପ କାମୁଡ଼ାରେ ୫, ପାଣିରେ ବୁଡ଼ି ୬ ଓ ବଜ୍ରପାତରେ ଜଣଙ୍କ ମୃତ୍ୟୁ ହୋଇଛି। ଛେଣ୍ଡିପଦା ବ୍ଲକରେ ସାପକାମୁଡ଼ାରେ ୬, ପାଣିରେ ବୁଡ଼ି ୩ ଓ ବଜ୍ରପାତରେ ୨ ଜଣ ମୃତ୍ୟୁବରଣ କରିଛନ୍ତି। କଣିହାଁ ବ୍ଲକରେ ସାପ କାମୁଡ଼ାରେ ୫, ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଛି। ତାଳଚେର ବ୍ଲକରେ ସାପକାମୁଡ଼ାରେ ୨, ପାଣିରେ ବୁଡ଼ି ୪, ବଜ୍ରପାତରେ ଜଣେ ଓ ଅଂଶୁଘାତରେ ୨ ଜଣ ପ୍ରାଣ ହରାଇଛନ୍ତି। ପାଲଲହଡ଼ା ବ୍ଲକରେ ସାପକାମୁଡ଼ାରେ ୭, ପାଣିରେ ବୁଡ଼ି ୪, ବ୍ରଜପାତରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଆଠମଲ୍ଲିକ ବ୍ଲକରେ ସାପ କାମୁଡ଼ାରେ ୬, ଅଂଶୁଘାତରେ ୧, ପାଣିରେ ବୁଡ଼ି ୨ ଓ ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କିଶୋରନଗର ବ୍ଲକରେ ସାପ କାମୁଡ଼ାରେ ୮, ପାଣିରେ ବୁଡ଼ି ୧, ବଜ୍ରପାତରେ ୨ ଓ ଅଂଶୁଘାତରେ ୨ ଜଣ ପ୍ରାଣ ହରାଇଛନ୍ତି। ମୋଟ୍ ଉପରେ ଦେଖିବାକୁ ଗଲେ ଜିଲାରେ ସାପକାମୁଡ଼ାରେ ୪୭ ଜଣ ପ୍ରାଣ ହରାଇଥିବା ବେଳେ ୪ ଲକ୍ଷ ହିସାବରେ ସମ୍ପୃକ୍ତ ମୃତକଙ୍କ ପରିବାରଗୁଡ଼ିକୁ ୧ କୋଟି ୮୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୬ ଜଣ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବାରୁ ତାଙ୍କ ପରିବାରକୁ ୧ କୋଟି ୪ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ସେହିପରି ବଜ୍ରପାତରେ ମୃତ ୧୫ ଜଣଙ୍କ ପରିବାରକୁ ୬୦ ଲକ୍ଷ, ଅଂଶୁଘାତରେ ମୃତ ୫ ଜଣଙ୍କ ପରିବାରକୁ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏପରି ମୋଟ୍ ୩ କୋଟି ୫୪ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ବଣ୍ଟନ କରାଯାଇଛି। ଘର ପୋଡ଼ିରେ ଜିଲାର ୪୫ଟି ଗ୍ରାମର ୭୫ ପରିବାର କ୍ଷତିଗ୍ରସ୍ତ ହୋଇଥିବାବେଳେ ୧୨୫ ଘର ନଷ୍ଟ ହୋଇଛି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ୧ କୋଟି ୨୪ ଲକ୍ଷ ୭୩ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସାଧାରଣତଃ ଗ୍ରାମାଞ୍ଚଳ ମାନଙ୍କରେ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କୁ ଗ୍ରାମବାସୀ କିମ୍ବା ପରିବାର ବର୍ଗ ଥାନା, ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆଣି ପୋଡ଼ି ଦେଉଛନ୍ତି। ଫଳରେ ସେମାନଙ୍କ ପରିବାର ଏହି ସହାୟତା ରାଶିରୁ ବଞ୍ଚିତ ହେଉଛନ୍ତି।

ଏ ବିଷୟରେ ଜିଲା ଡେପୁଟି କଲେକ୍ଟର ବୈିତୁରା ଦୀପ୍ କୁହନ୍ତି, ସରକାର ଓ ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅଭିଯୋଗ ଆସିଲେ ସହାୟତା ପ୍ରଦାନ କରାଯାଉଛି। କିନ୍ତୁ ଗ୍ରାମାଞ୍ଚଳମାନଙ୍କରେ ସଚେତନତା ଅଭାବରୁ ଲୋକେ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ସଚେତନତା ପାଇଁ ବିଭିନ୍ନ ସରକାରୀ ଅନୁଷ୍ଠାନ, ସର୍ବସାଧାରଣ ଜାଗା, ବେସରକାରୀ ଅନୁଷ୍ଠାନ, ସ୍କୁଲ ଓ କଲେଜ ଆଦିରେ ପୋଷ୍ଟର ମରାଯାଉଛି।



ଆୟୋଜିତ ଶିବିରରେ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

# ମାଗଣା ହୃଦ୍‌ରୋଗ ପରୀକ୍ଷା ଶିବିର

**ତାଳଚେର,୧୧।୧୧(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡା ନୋଡାଲ ହାଇସ୍କୁଲ ପରିସରରେ ଏକ ମାଗଣା ହୃଦ୍‌ରୋଗ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପଲିସି ଡେଭଲପ୍‌ମେଣ୍ଟ ଇନିସିଏଟିଭ୍ ନୂଆଦିଲ୍ଲୀ ଏବଂ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆବାହକ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ନେହେରୁ ଶତାବ୍ଦୀ ହସପିଟାଲ୍‌ର ସି.ଏମ୍.ଏସ୍ ଡା. ବି.କେ. ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିଜ୍ଞ ହୃଦ୍‌ରୋଗ ଡାକ୍ତର ଅକ୍ଷୟ ସାମଲ ଯୋଗ ଦେଇ ହୃତ୍‌ପିଣ୍ଡର ସୁରକ୍ଷା ପାଇଁ ସର୍ବଦା ସନ୍ତୁଳିତ ଆହାର, ସବୁଜ ପନିପରିବା ଖାଇବା, ନିୟମିତ ବ୍ୟାୟାମ କରିବା ଓ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଦୁଇ ଶହରୁ ଅଧିକ ଲୋକ ଉପସ୍ଥିତ ରହି ଆବଶ୍ୟକ ପରୀକ୍ଷଣ ସହ ଔଷଧ ନେଇଥିଲେ। ଅନ୍ୟତମ ଅତିଥି ଭାବେ ଘଣ୍ଟପଡା ଗ୍ରାମ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଗ୍ରାମ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ମାନବାଧିକାର ସଦସ୍ୟ ରାମଚନ୍ଦ୍ର ରାଉତରାଏ, ସଞ୍ଜୟ ସିଂହ, ବୀରବର ସାହୁ, ଜନଜାଗରଣ ପରିଷଦ ସଭାପତି ଜୀନେସ୍ ସାହୁ, ଶ୍ରମିକ ନେତା ରାଜକିଶୋର ସାହୁ, ଦୁଃଶାସନ ସାହୁ, ଭୂପେନ୍ ଥମ୍ବ, ସମାଜିକ କର୍ମୀ କ୍ଷୀରୋଦ ସାହୁ, ଜ୍ଞାନରଞ୍ଜନ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଭବିଷ୍ୟତରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଏଭଳି ସ୍ୱାସ୍ଥ୍ୟ ସଚେତନ ଶିବିରମାନ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

# କାଳୀ ପୂଜାର ଭସାଣି ଉତ୍ସବ





ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଉଛି।

**ବଣଁରପାଳ,୧୧।୧୧ (ଡି.ଏନ୍.ଏ)**

ବଣଁରପାଳ ଠାରେ ମା' କାଳୀଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିସର୍ଜନ ପୂଜା କରାଯାଇ ମା'ଙ୍କୁ ସୁସଜ୍ଜିତ କରାଯାଇଥିଲା। ଏକ ଶୋଭାଯାତ୍ରାରେ ବଣଁରପାଳ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଲଉଡ଼ି ଖେଳ, ଘୁଡୁକି ଆଦି ବିଭିନ୍ନ ବାଦ୍ୟନୃତ୍ୟର ଆୟୋଜନ କରାଯାଇଥିଲା। ଅପରାହ୍ନରେ ଦେବୀଙ୍କୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ରୁଦ୍ରନାରାୟଣ ସିଂ, ପ୍ରଦୋଷ କୁମାର ସିଂ, ଆଲୋକ ସିଂ, ଟୁକୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଋଣରୁ ରୋଜଗାରକ୍ଷମ ହେବାକୁ ପରାମର୍ଶ

**ବଇଣ୍ଡା,୧୧।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ କଲେଜ ପରିସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରତିମା ବାଘ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଗଗନ ବିହାରୀ ନାୟକ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ପାଠପଢି ଘରେ ବସି ରହୁଥିବା ଯୁବତୀଯୁବକମାନେ କିଭଳି ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଠାକୁରଗଡ଼ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ସାହୁ, ପ୍ରାଧାପକ ସରୋଜ କୁମାର ଦାସ, ତରୁଣ କୁମାର ପ୍ରଧାନ, ଅଧାପିକା କଲ୍ୟାଣୀରୂପା ମିଶ୍ର, ଶିଳ୍ପ ବିକାଶ ଅଧିକାରୀ ମଧୁଛନ୍ଦା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଶ୍ରେଷ୍ଠ ଶିଳ୍ପ ଉଦ୍ୟୋଗୀ ଭାବରେ ଠାକୁରଗଡ଼ ଅଞ୍ଚଳର ସୁନୀଲ କୁମାର ସାହୁଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବିଧାୟକଙ୍କ ବିରୋଧରେ ମେଳି



ବୈଠକରେ ଉପସ୍ଥିତ ଦଳୀୟ କର୍ମୀମାନେ।

**ଛେଣ୍ଡିପଦା, ୧୧।୧୧(ସ୍ୱ.ପ୍ର.)**

- ଆସନ୍ତା ବର୍ଷ ଟିକେଟ ମିଳିଲେ ପ୍ରତିବାଦ ନିଷ୍ପତ୍ତି
- ଦଳ ବିରୋଧୀ ଓ ବହିଷ୍କୃତ ହୋଇଥିବା ବ୍ୟକ୍ତିଙ୍କ ଚକ୍ରାନ୍ତ- ବିଧାୟକ

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ୨୫ ନମ୍ବର ଜୋନର ପୂର୍ବତନ ସଭାପତି ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ପଞ୍ଚାୟତସ୍ତରର ବରିଷ୍ଠ କର୍ମୀ ତଥା ପୁରୁଖା ନେତାମାନଙ୍କୁ ଅଣଦେଖା କରୁଥିବା, ମନମୁଖୀ କାମ କରିବା ଏବଂ ଏଥିଯୋଗୁ ଦଳରେ କନ୍ଦଳ ସୃଷ୍ଟି ହେଉଛି ବୋଲି ବୈଠକରେ ଅଭିଯୋଗ ଉଠିଥିଲା। ଏହାକୁ ନେଇ ବିଧାୟକଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ନିର୍ବାଚନରେ ବିଧାୟକଙ୍କୁ ଟିକେଟ ମିଳିଲେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ବୈଠକରେ ଉପସ୍ଥିତ ସୁବଳ ସେଠୀ, ପଞ୍ଚାନନ ବେହେରା, ବଡହିଂସର ବଜେଡି ସଭାପତି କିଶୋରୀ ରାଉଳ, ପୂର୍ବତନ ସରପଞ୍ଚ ମଧୁସୂଦନ ପ୍ରଧାନ, ଦିବାକର ସାହୁ, ସୁଶାନ୍ତ ପ୍ରଧାନ, ମୁରଲୀଧର ନାଏକ, ଦୁଷ୍ମନ୍ତ ନାୟକ, ରସାମଣି ରାଉଳଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ସାମୂହିକ ନିଷ୍ପତ୍ତି ନେଇଥିଲେ। ଏଥିସହ ଆଗାମୀ ଦିନରେ ଦଳ ସୁପ୍ରିମୋଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା। ବୈଠକରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକ ସୁଶାନ୍ତ କୁମାର ସାହୁ କହିଛନ୍ତି, ନିର୍ବାଚନ ମଣ୍ଡଳୀର କୌଣସି କର୍ମୀଙ୍କୁ କେବେ ଅଣଦେଖା କରାଯାଇନାହିଁ। ଦଳ ବିରୋଧୀ ଓ ଗତ ପଞ୍ଚାୟତ ନିର୍ବାଚନରେ ଦଳରୁ ବହିଷ୍କୃତ ହୋଇଥିବା ଲୋକେ ଅଣଦେଖା କଥା ଉଠାଉଛନ୍ତି। ଦଳକୁ ବଦନାମ କରିବା ପାଇଁ ଏହା ସେମାନଙ୍କ ଚକ୍ରାନ୍ତ। ବିଜେଡି ସୁପ୍ରିମୋ ଯୋଗ୍ୟ ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନ ପାଇଁ ଟିକେଟ ପ୍ରଦାନ କରିବେ।

# ଏନ୍‌ଟିପିସିକୁ ୨ ସ୍ୱର୍ଣ୍ଣଶକ୍ତି ଆୱାର୍ଡ

**ତାଳଚେର,୧୧।୧୧(ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପକୁ ୨ଟି ସ୍ୱର୍ଣ୍ଣଶକ୍ତି ଆୱାର୍ଡ ମିଳିଛି। ଉତ୍ତମ ସ୍ୱାସ୍ଥ୍ୟସେବା ଓ ସୋଲାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ୪୪ ତମ ପ୍ରତିଷ୍ଠା ଦିବସରେ ଏନ୍‌ଟିପିସି ମହାପ୍ରବନ୍ଧକ ସନ୍ତୋଷ ଜେମ୍‌ସ ଏହି ପୁରସ୍କାର ଡାଇରେକ୍ଟର (କମର୍ସିଆଲ) ଏ.କେ. ଗୁପ୍ତା ଓ ଡାଇରେକ୍ଟର (ଏଚ.ଆର.) ଏସ୍. ରାୟଙ୍କ ଠାରୁ ଗ୍ରହଣ କରିଥିଲେ। ଏହାବ୍ୟତୀତ କର୍ମଚାରୀ ସଞ୍ଜୟ ରାଉତ ସିଏମ୍‌ଡି ସେଫ୍ଟି ଆୱାର୍ଡ ଗ୍ରହଣ କରିଥିଲେ। ବିତ୍ତ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏସ୍.କେ. ରାୟ, ନିର୍ଦ୍ଦେଶକ ଅପରେଶନ ପ୍ରକାଶ ତିୱାରୀ, ଡାଇରେକ୍ଟର ଟେକ୍ନିକାଲ ପି.କେ. ମହାପାତ୍ରଙ୍କ ସମେତ ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଏନ୍‌ଟିପିସି ମହାପ୍ରବନ୍ଧକ ସନ୍ତୋଷ ଜେମ୍ସ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ବଞ୍ଚିବାର କଳା ଶିଖାଏ ନାଟକ'



ନାଟ୍ୟ ଅନୁଷ୍ଠାନ 'ଆମେ ବଞ୍ଚିଛୁ'ର ତୃତୀୟ ସ୍ୱନକ୍ଷତ୍ର ଦିବସ ଓ ବନ୍ଧୁ ମିଳନ ଉତ୍ସବରେ ଉପସ୍ଥିତ ସଦସ୍ୟା ସଦସ୍ୟଙ୍କ ସହ ଜିଲାର ବହୁ କଳାକାର ଏବଂ ଅନ୍ୟମାନେ।

**ତାଳଚେର,୧୧।୧୧(ନି.ପ୍ର.)**

ତାଳଚେରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଆମେ ବଞ୍ଚିଛୁ' ପକ୍ଷରୁ ତୃତୀୟ ସ୍ୱନକ୍ଷତ୍ର ଦିବସ ଓ ବନ୍ଧୁ ମିଳନ ଉତ୍ସବ ଶୁକ୍ରବାର ଏଫ୍‌ସିଆଇ ନିକଟସ୍ଥ ମୁକ୍ତିପଥ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ସମସ୍ତ ସଦସ୍ୟା ସଦସ୍ୟଙ୍କ ସହ ଜିଲାର ବହୁ କଳାକାର, କବି, ଲେଖକ, ନାଟ୍ୟକାର, ପରିବେଶବିତ୍ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ହେମନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ 'ନାଟକ ଓ ଜୀବନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟ ଅନୁଷ୍ଠାନ କଳାକାରର ସଭାପତି ଭୂପେଶ ପ୍ରଧାନ, ଗବେଷକ ବିଭୂତି ଭୂଷଣ ସାହୁ, ବରିଷ୍ଠ ନିର୍ଦ୍ଦେଶକ ନବଦୀପ ମହାଲିକ, କେଦାରଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସାମାଜିକ ଚଳଣି, ପରମ୍ପରା ତଥା ସାମ୍ପ୍ରତିକ ଘଟଣାବଳୀକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ପ୍ରକୃଷ୍ଟ ମାଧ୍ୟମ ହେଉଛି ନାଟକ। ତେଣୁ ନାଟକ ହିଁ ବଞ୍ଚିବାର କଳା ଶିଖାଇଥାଏ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ହରିହରପୁର କୁକୁଡାଙ୍ଗ ନୋଡାଲ ହାଇସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନାଟକ କୋଣାର୍କ ପରିବେଷଣ କରାଯାଇଥିଲା। ଏହା ସହିତ ନାଲ୍‌କୋସ୍ଥିତ କେଦାରଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ପରିବେଷିତ ଭଜନ, ଲୋକଗୀତ ମନଛୁଆଁ ହୋଇଥିଲା। କବୟିତ୍ରୀ ରତ୍ନପ୍ରଭା ବାଇ, ଅନୀତା ପାଣି, ଅନୁପମା ପ୍ରଧାନ, ଅରୁଣ କୁମାର ଗଡନାୟକ, ମନୋଜା ନାୟକ, କରୁଣାକର ବାଇ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ସୁଭାଷ ଚନ୍ଦ୍ର ପ୍ରଧାନ, ମାୟାଧର ପ୍ରଧାନ, ବାଉରୀବନ୍ଧୁ ବେଜ, ପୂର୍ଣ୍ଣଚନ୍ଦ୍ର ଦଳେଇ, ରସାନନ୍ଦ ଥାଟୋଇ, ହେମନ୍ତ କୁମାର ଦାସ, ମନୋଜ କୁମାର ସାହୁ, ବିଭୂତି ଭୂଷଣ ମହାପାତ୍ର, ହରିହର ଗଡନାୟକ, ଅଖିଳ କୁମାର ସାମଲ, ଉଚ୍ଛନ୍ନ ପଟ୍ଟନାୟକ, ଭିକାରୀ ଚରଣ ଧଳ, ଦୟାନିଧି ସାହୁ, ତନୋଜ କୁମାର ପ୍ରଧାନ ପ୍ରମୁଖ ବହୁ କଳାକାର ଯୋଗ ଦେଇଥିଲେ। ମୁକୁନ୍ଦ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଶିକାର ଉଦ୍ୟମ, ଜଣେ ଗିରଫ

ପବିତ୍ରନଗର, ୧୧।୧୧(ଡି.ଏନ.ଏ.): ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଅଭିଯୋଗରେ ଅନୁଗୋଳ ଜିଲା ତାଳଚେର ରେଞ୍ଜ ସିପୁର ସେକ୍ସନ ଗହମ ଗ୍ରାମର ମେଘନାଦ ପ୍ରଧାନଙ୍କୁ ବିଭାଗ ଶନିବାର ଗିରଫ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏଥିସହ ଶିକାର ପାଇଁ ବିଛା ଯାଇଥିବା ତାରକୁ ମଧ ଜବତ କରାଯାଇଛି। ଘଟଣାରୁ ପ୍ରକାଶ, ରାତି ପ୍ରାୟ ୧୦ଟାରେ ଗହମ ଗ୍ରାମର କିଛି ଲୋକ ବାଟସାହି ଗ୍ରାମ୍ୟ ଜଙ୍ଗଲ ମଧରେ ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ତାଳଚେର ରେଞ୍ଜର ତ୍ରିଲୋଚନ ବେହେରା ଓ କର୍ମଚାରୀମାନେ ସେଠାରେ ଚଢାଉ କରିଥିଲେ। ଅଭିଯୁକ୍ତମାନେ ସେଠାରୁ ଖସି ଯାଉଥିବାବେଳେ ମେଘନାଦ ଧରାପଡିଥିଲେ। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।

### ଜନ ପରାମର୍ଶ ପଦଯାତ୍ରା

ବଆଁରପାଳ,୧୧।୧୧ (ଡି.ଏନ୍.ଏ)- ବଆଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଓ ଭୋଗବେରେଣି ପଞ୍ଚାୟତରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ମୀନକେତନ ଅମାନ୍ତଙ୍କ ନେତୃତ୍ୱରେ କର୍ମୀମାନେ ଅମାନ୍ତପୁର ଠାରୁ ପଦଯାତ୍ରାରେ ବାହାରିଥିଲେ। ନବୀନ ସରକାରଙ୍କ ଶାସନ କାଳରେ ଗରିବ ଓ ଶ୍ରମିକମାନେ ଅବହେଳିତ ହୋଇଥିବା କର୍ମୀମାନେ ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳରେ ପାନୀୟ ଜଳ, ଶିକ୍ଷକ ଓ ଡାକ୍ତର ଅଭାବ ଆଦି ସମସ୍ୟାର ସାମାଧନ ହୋଇପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏହି ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ଯଯାତି ପଟ୍ଟନାୟକ, ସତ୍ୟବ୍ରତ ସ୍ୱାଇଁ, ଭୀମସେନ ଭୂତିଆ, ସରପଞ୍ଚ ମଧୁଛନ୍ଦା ସାହୁ, ସରୋଜ ସାହୁ, କୁନା ଗଡ଼ନାୟକ, ଦିବ୍ୟରଞ୍ଜନ ସାମନ୍ତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

■ଜିଲାସ୍ତରୀୟ ଜାତୀୟ ଶିକ୍ଷା ଦିବସ

## ଶିକ୍ଷା ବିକାଶର ବଳିଷ୍ଠ ମାଧ୍ୟମ

**ଅନୁଗୋଳ ଅଫିସ,୧୧।୧୧**

ସର୍ବଶିକ୍ଷା ଅଭିଯାନ ଅନୁଗୋଳ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ଶିକ୍ଷା ଦିବସ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଦେଶର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ସୁଦକ୍ଷ ନାଗରିକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଆଁରପାଳ ମହାବିଦ୍ୟାଳୟ ଅଧାପକ ସୁଜିତ କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ସାହୁ, ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶିଳ୍ପୀ ଦେ ପ୍ରମୁଖ ଯୋଗଦାନ କରି ଶିକ୍ଷା ବିକାଶର ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶହେ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରବନ୍ଧରେ ସାଇସ୍ମିତା ମିଶ୍ର, ଜଗନ ବିଶ୍ୱାଳ, ଅର୍ପିତା ମିଶ୍ର, ତର୍କରେ ଶୁଭଲକ୍ଷ୍ମୀ ସାହୁ, ସୋନାଲି ନାଏକ, ସ୍ୱାତୀ ଆଚାର୍ଯ୍ୟ ଓ ଶୁଭ୍ରାଂଶୁ ଶେଖର ବେହେରା କୃତକାର୍ଯ୍ୟ ହୋଇଥିଲେ। ଗିରିଜା ମହାପାତ୍ର, କଲେଜପଡ଼ା ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସର୍ବଶିକ୍ଷା ଅଭିଯାନର ସମସ୍ତ କର୍ମକର୍ତ୍ତା ୪୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ